# Visit of Prime Minister to Italy and the UK for the G-20 Summit and World Leaders' Summit of COP-26

October 24, 2021

## ଜି-20 ଶିଖର ସମ୍ମିଳନୀ ଏବଂ ସିଓପି-26 ର ବିଶ୍ୱ ନେତୃବର୍ଗଙ୍କ ଶିଖର ସମ୍ମିଳନୀ ପାଇଁ ପ୍ରଧାନମନ୍ତ୍ରୀଙ୍କ ଇଟାଲୀ ଏବଂ ବ୍ରିଟେନ ଗସ୍ତ

**ଅକ୍ଟୋବର 24, 2021**

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଯଥାକ୍ରମେ 16 ତମ ଜି-20 ଶିଖର ସମ୍ମିଳନୀ ଏବଂ ସିଓପି-26 ର ବିଶ୍ୱ ନେତୃବର୍ଗଙ୍କ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ 29 ଅକ୍ଟୋବର 2021 ରୁ 2 ନଭେମ୍ବର 2021 ପର୍ଯ୍ୟନ୍ତ ଇଟାଲୀର ରୋମ ଏବଂ ବ୍ରିଟେନର ଗ୍ଲାସଗୋ ଗସ୍ତ କରିବେ।

2. ଇଟାଲୀର ପ୍ରଧାନମନ୍ତ୍ରୀ ମାନ୍ୟବର ଶ୍ରୀ ମାରିଓ ଡ୍ରାଘିଙ୍କ ଆମନ୍ତ୍ରଣ କ୍ରମେ 30-31 ଅକ୍ଟୋବର 2021 ରୋମରେ ହେବାକୁ ଥିବା 16 ତମ ଜି-20 ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଅଂଶଗ୍ରହଣ କରିବେ। ଏହି ଶିଖର ସମ୍ମିଳନୀରେ ଜି-20 ସଦସ୍ୟ ରାଷ୍ଟ୍ର, ୟୁରୋପୀୟ ସଂଘ ତଥା ଅନ୍ୟ ଆମନ୍ତ୍ରିତ ଦେଶ ଏବଂ ଆନ୍ତର୍ଜାତିକ ସଂଗଠନର ମୁଖ୍ୟମାନେ ମଧ୍ୟ ଯୋଗଦେବେ।

3. ପ୍ରଧାନମନ୍ତ୍ରୀ ମୋଦୀଙ୍କ ପାଇଁ ଏହା ହେଉଛି ଅଷ୍ଟମ ଜି-20 ସମ୍ମିଳନୀ ଯେଉଁଥିରେ ସେ ଯୋଗଦେବେ। ଆନ୍ତର୍ଜାତିକ ଅର୍ଥନୈତିକ ସହଯୋଗ ପାଇଁ ଜି-20 ଏକ ପ୍ରମୁଖ ବିଶ୍ୱସ୍ତରୀୟ ମଞ୍ଚ ଭାବରେ ଉଭା ହୋଇଛି। ଭାରତ ପ୍ରଥମ ଥର ପାଇଁ 2023 ରେ ଜି-20 ଶିଖର ସମ୍ମିଳନୀ ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଛି। ଇଟାଲୀ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ସମ୍ମିଳନୀ 'ଲୋକ, ପୃଥିବୀ, ସମୃଦ୍ଧି' ବିଷୟବସ୍ତୁକୁ କେନ୍ଦ୍ର କରି (i) ମହାମାରୀରୁ ପୁନରୁଦ୍ଧାର ଏବଂ ବିଶ୍ୱ ସ୍ୱାସ୍ଥ୍ୟ ପରିଚାଳନାର ଦୃଢ଼ୀକରଣ, (ii) ଅର୍ଥନୈତିକ ପୁନରୁଦ୍ଧାର ଏବଂ ସ୍ଥିରତା, (iii) ଜଳବାୟୁ ପରିବର୍ତ୍ତନ ଏବଂ ଶକ୍ତି ପରିବର୍ତ୍ତନ ଏବଂ (iv) ନିରନ୍ତର ବିକାଶ ଏବଂ ଖାଦ୍ୟ ସୁରକ୍ଷା କ୍ଷେତ୍ର ଉପରେ ଧ୍ୟାନ କେନ୍ଦ୍ରିତ କରିବ।

4. ପ୍ରଧାନମନ୍ତ୍ରୀ ଇଟାଲୀର ପ୍ରଧାନମନ୍ତ୍ରୀ ମାନ୍ୟବର ଶ୍ରୀ ମାରିଓ ଡ୍ରାଘିଙ୍କ ସମେତ ଅନେକ ଦ୍ୱିପାକ୍ଷିକ ବୈଠକ ମଧ୍ୟ କରିବେ।

5. ଏହା ପରେ ପ୍ରଧାନମନ୍ତ୍ରୀ ବ୍ରିଟେନର ପ୍ରଧାନମନ୍ତ୍ରୀ ମାନ୍ୟବର ଶ୍ରୀ ବୋରିସ୍ ଜନସନଙ୍କ ଆମନ୍ତ୍ରଣ କ୍ରମେ ମିଳିତ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (ୟୁଏନଏଫସିସିସି) ଅନ୍ତର୍ଗତ ପାର୍ଟିମାନଙ୍କର 26 ତମ ସମ୍ମେଳନ (ସିଓପି-26) ର ବିଶ୍ୱ ନେତୃବର୍ଗଙ୍କ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ଗ୍ଲାସଗୋ ଯାତ୍ରା କରିବେ। ଇଟାଲୀ ସହ ସହଭାଗୀତା କରୁଥିବା ବ୍ରିଟେନର ଅଧ୍ୟକ୍ଷତାରେ ସିଓପି-26 31 ଅକ୍ଟୋବର 2021 ରୁ 12 ନଭେମ୍ବର 2021 ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ବିଶ୍ୱ ନେତୃବର୍ଗଙ୍କ ଶିଖର ସମ୍ମିଳନୀ (ଡବ୍ଲୁଏଲଏସ) ଶୀର୍ଷକ ସିଓପି-26 ର ଉଚ୍ଚସ୍ତରୀୟ ସେଗମେଣ୍ଟ 1-2 ନଭେମ୍ବର 2021 ରେ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ 120 ରୁ ଅଧିକ ରାଷ୍ଟ୍ରମୁଖ୍ୟ/ସରକାରଙ୍କ ମୁଖ୍ୟ ଯୋଗଦେବେ। ସିଓପି-26 2020 ରେ ଅନୁଷ୍ଠିତ ହେବାର ଥିଲା, କିନ୍ତୁ କୋଭିଡ-19 ମହାମାରୀକୁ ଦୃଷ୍ଟିରେ ରଖି 2021 କୁ ଘୁଞ୍ଚାଇ ଦିଆଯାଇଥିଲା।

6. ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବା ପାଇଁ ୟୁଏନଏଫସିସିସି ବିଶ୍ୱର ଇଚ୍ଛା ଏବଂ ଦୂରଦୃଷ୍ଟିକୁ ସନ୍ନିହିତ କରିଛି। ଏହି ସମ୍ମିଳନୀରେ ପାର୍ଟିମାନଙ୍କର ପର୍ଯ୍ୟାୟକ୍ରମେ ସମ୍ମେଳନ ବିଶ୍ୱସ୍ତରୀୟ ଜଳବାୟୁ ସମ୍ମିଳନୀ ଭାବରେ ଉଭା ହୋଇଛି, ଯାହା ସମୀକ୍ଷା କରିବା ଏବଂ ଆଗକୁ ରାସ୍ତା ପ୍ରସ୍ତୁତ କରିବା ପାଇଁ ସୁଯୋଗ ପ୍ରଦାନ କରିଥାଏ। ପ୍ରଧାନମନ୍ତ୍ରୀ ଏହା ପୂର୍ବରୁ 2015 ରେ ପ୍ୟାରିସରେ ସିଓପି-21 ରେ ଯୋଗଦେଇଥିଲେ, ଯେତେବେଳେ ପ୍ୟାରିସ ଚୁକ୍ତିନାମା ଚୂଡାନ୍ତ ହୋଇଥିଲା, ଏବଂ ଯାହାର କାର୍ଯ୍ୟକାରିତା ଚଳିତ ବର୍ଷ ଆରମ୍ଭ ହେବ। ସିଓପି-26 ରେ ପାର୍ଟିଗୁଡିକ ପ୍ୟାରିସ ଚୁକ୍ତିନାମା କାର୍ଯ୍ୟକାରିତା ନିର୍ଦ୍ଦେଶାବଳୀ ଚୂଡାନ୍ତ କରିବା; ଜଳବାୟୁ ଅର୍ଥକୁ ଗତିଶୀଳ କରିବା; ଜଳବାୟୁ ପରିବର୍ତ୍ତନ ସହ ଖାପ ଖାଇବାକୁ ଦୃଢୀଭୂତ କରିବା; ପ୍ରଯୁକ୍ତିବିଦ୍ୟା ବିକାଶ ଏବଂ ସ୍ଥାନାନ୍ତରକୁ ମଜବୁତ କରିବା; ଏବଂ ବିଶ୍ୱର ତାପମାତ୍ରା ବୃଦ୍ଧିକୁ ସୀମିତ କରିବାର ପ୍ୟାରିସ ଚୁକ୍ତିନାମା ଲକ୍ଷ୍ୟ ହାସଲ କରିବା ପାଇଁ କାର୍ଯ୍ୟ କରିବେ।

7. ସିଓପି-26 ଅବସରରେ ପ୍ରଧାନମନ୍ତ୍ରୀ ବ୍ରିଟେନର ପ୍ରଧାନମନ୍ତ୍ରୀ ମାନ୍ୟବର ଶ୍ରୀ ବୋରିସ୍ ଜନସନଙ୍କ ସମେତ ଅନେକ ଦ୍ୱିପାକ୍ଷିକ ବୈଠକ କରିବେ।

**ନୂଆଦିଲ୍ଲୀ**

**ଅକ୍ଟୋବର 24, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.